# ମିଶନ୍ ମୁନ୍



## ଡାକ୍ତର ସରୋଜ କୁମାର ମିଶ୍ର

**Title of the Book:** ମିଶନ୍ ମୁନ୍

**Third Edition – August 2025**

**Copyright 2025 © Dr. Saroj Kumar Misra**

No part of this book may be reproduced or transmitted in any form by any means, electronic or mechanical, including photocopy, recording, or any information storage and retrieval system, without permission in writing from the copyright owners.

**Disclaimer**

The author is solely responsible for the contents published in this book. The publishers don't take any responsibility for the same in any manner. Errors, if any, are purely unintentional, and readers are requested to communicate such errors to the editors or publishers to avoid discrepancies in the future.

**E-ISBN: 978-93-7020-876-6**

**MRP Rs. 160/-**

**Publisher, Printer & Distributor:**
Selfypage Developers Pvt Ltd.,
Pushpagiri Complex,
Beside SBI Housing Board,
K.M. Road Chikkamagaluru, Karnataka.
Tel.: +91-8861518868
E-mail: info@iipbooks.com

**IMPRINT: IIP Iterative International Publishers**

**For Sales Enquiries:**
Contact: +91- 8861511583
E-mail: sales@iipbooks.com

ମୋର ପ୍ରେରଣାର ଉତ୍ସ ପତ୍ନୀ ଅନିତା ମିଶ୍ରଙ୍କୁ
ମୋର ଏହି ଉପନ୍ୟାସ ପୁସ୍ତକ 'ମିଶନ୍ ମୁନ୍' ଅର୍ପଣ କଲି...

- - ସରୋଜ କୁମାର ମିଶ୍ର

# କୃତଜ୍ଞତା

'ମିଶନ ମୁନ୍'ର କାୟାକଳ୍ପ ପାଇଁ ଅନେକ ଶୁଭେଚ୍ଛୁଙ୍କ ଅବଦାନ ରହିଛି । ସୁନ୍ଦରଗଡ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ କାର୍ଯ୍ୟରତ ଶ୍ରୀ ଅଞ୍ଜନ କୁମାର ପଟେଲ, ଶ୍ରୀ ସ୍ୱପ୍ନାଜୀତ ମହାନ୍ତି, ଶ୍ରୀ ଅଜୟ ଜେନା ପାଣ୍ଡୁଲିପିକୁ ଟାଇପ୍ କରି ପ୍ରସ୍ତୁତ କରିବା ପାଇଁ ସମୟ ଦେଇଥିବାରୁ ମୁଁ ମୋର କୃତଜ୍ଞତା ଜଣାଉଛି । ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ହସ୍ପିଟାଲ୍ ମ୍ୟାନେଜର ସୁଶ୍ରୀ ତୃପ୍ତିରେଖା ପଣ୍ଡା ମୋର ପୁରାତନ ପାଣ୍ଡୁଲିପିକୁ ସୁନ୍ଦର ଅକ୍ଷରରେ ପୁନର୍ଲିଖନ କରିଥିବାରୁ ମୁଁ ମୋର ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛି ।

ବ୍ରହ୍ମପୁର ସାହିତ୍ୟ ପରିଷଦର ସଭାପତି ତଥା ବିଶିଷ୍ଟ କବି ସୁଶାନ୍ତ ଦାଶ ବହିଟିର ପ୍ରଥମ ଓ ଦ୍ୱିତୀୟ ସଂସ୍କରଣ ପ୍ରକାଶ କରିଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞ। ବ୍ରହ୍ମପୁରର Little star offset printers ନିର୍ଭୁଲ ମୁଦ୍ରଣ କରିଥିବାରୁ ମୁଁ ସୁଶାନ୍ତ ସାହୁ ବାବୁଙ୍କୁ ମୋର ଅଶେଷ ଧନ୍ୟବାଦ୍ ଅର୍ପଣ କରୁଛି ।

I am grateful to the publishing house for taking the responsibility of bringing the book to a wider group of readers interested in Odia literature through the e-book.

- ସରୋଜ କୁମାର ମିଶ୍ର

ଉପନ୍ୟାସ “ମିଶନ୍ ମୁନ୍” ର
ଲେଖା ଓ ଲେଖକଙ୍କ ଉପରେ
ଏକ ସ୍ୱଳ୍ପ ଆଲେଖ୍ୟ :

‘ମିଶନ୍ ମୁନ୍’ର ଲେଖକ ଡାକ୍ତର ସରୋଜ କୁମାର ମିଶ୍ର ଜଣେ ସଫଳ ଶଲ୍ୟ ଚିକିତ୍ସା ବିଶେଷଜ୍ଞ ଭାବରେ ଓଡ଼ିଶାର ବିଭିନ୍ନ ଅ ଳରେ କାର୍ଯ୍ୟରତ ଥିଲେ ଓ ବ ର୍ମାନ ଅବସରପ୍ରାପ୍ତ ହୋଇଥିଲେ ସୁଦ୍ଧା ରୋଗୀସେବାରୁ ନିବୃ  ନୁହନ୍ତି। ବିଭିନ୍ନ ସମୟରେ ଓଡ଼ିଶାର ଗଞ୍ଜାମ, ଗଜପତି ଓ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଭାବରେ ନିଜ କ ର୍ବ୍ୟ ସମ୍ପାଦନ କରି ନିଜର ନିଷ୍ଠାପର ସେବା ମନୋଭାବ ଯୋଗୁଁ ଉଭୟ ରୋଗୀ ଏବଂ ସାଧାରଣ ଜନତାଙ୍କ ଆସ୍ଥା ଭାଜନ ହୋଇପାରିଛନ୍ତି। ଛାତ୍ରଜୀବନରୁ ସାହିତ୍ୟ ପ୍ରତି ତାଙ୍କର ଗଭୀର ଅନୁରାଗ ଯୋଗୁଁ ସେ ଲେଖନୀ ଚାଳନା କରିଛନ୍ତି ପ୍ରଥମତଃ ଜଣେ ଗାଳ୍ପିକ ଭାବରେ। ତାଙ୍କ ରଚନା ଏକାଧିକ ଗଳ୍ପ ସଂକଳନ ମଧ୍ୟରେ ଅନ୍ୟତମ ‘ଜାହ୍ନବୀର ନୀଳ ଜହ୍ନ’ ଓ ଅନ୍ୟ ଆଖିର ପ୍ରତିବିମ୍ବ’, ଯାହା ଯଥେଷ୍ଟ ପାଠକୀୟ ଆଦୃତି ଲାଭ କରିଛି। ସଂପ୍ରତି “ମିଶନ୍ ମୁନ୍” ଉପନ୍ୟାସର ତୃତୀୟ ସଂସ୍କରଣ ପ୍ରକାଶ ପାଇବା ଲେଖକଙ୍କ ପକ୍ଷରେ ନିଶ୍ଚିତ ଭାବେ ଗୌରବାବହ ଏଥିରେ ସନ୍ଦେହ ନାହିଁ। ଉପନ୍ୟାସର ଅୟମାରମ୍ଭ ପୂର୍ବରୁ “ମିଶନ୍ ମୁନ୍”ର ଆରମ୍ଭ କଥା ଶିର୍ଷକରେ ଲେଖକ ନିଜେ ସ୍ୱୀକାର କରିଛନ୍ତି ଯେ “ଲେଖାର ଭି ିଭୂମି କଳ୍ପନା ଅପେକ୍ଷା ପୃଷ୍ଠଭୂମିରେ ଆଧାରିତ।” ବାସ୍ତବିକ ଏହାର ବିଷୟ ବସ୍ତୁ ସାଂପ୍ରତିକ, ବିଜ୍ଞାନଭି ିକ ଏବଂ ପ୍ରାସଙ୍ଗିକ ମଧ୍ୟ।

ଋତୁଚକ୍ରର ଆବ ର୍ନ ପରି କାଳଚକ୍ର ମଧ୍ୟ ସୃଷ୍ଟି ଓ ବିନାଶକୁ ନେଇ ଅହରହ କ୍ରିୟାଶୀଳ ହୋଇଥାଏ ଏହା ସର୍ବବାଦୀସମ୍ମତ। ସମୟ ସହ ତାଳଦେଇ ଚାଲିବାକୁ ମନୁଷ୍ୟର ପ୍ରୟାସ ମଧ୍ୟ ଏଥିରେ ଚିତ୍ରିତ। ତେଣୁ ମନୁଷ୍ୟ ମନାକାଶରୁ ମହାକାଶ ଅର୍ଥାତ୍ ଶାନ୍ତରୁ ଅନନ୍ତ ଅନ୍ତରୀକ୍ଷ ପର୍ଯ୍ୟନ୍ତ ଅନୁଧ୍ୟାନ ଓ ଅନୁଶୀଳନ କରି ଚାଲିଛି। ଅସୀମ ଜଗତର ସସୀମ ମନୁଷ୍ୟଟି ମହାକାଶର ଗବେଷଣା କରୁଥିବା ବେଳେ ରୋଗାକ୍ରାନ୍ତ ହେବା ଓ ଆଧୁନିକ ଚିକିତ୍ସା ପଦ୍ଧତି ଦ୍ୱାରା ଅସାଧ୍ୟ ରୋଗରୁ ମୁକ୍ତି ଲାଭ କରି ପୁନଃ ନିଜ ଲକ୍ଷ୍ୟ ସାଧନ (ମହାକାଶ ଯାତ୍ରା) ପଥରେ ଅଗ୍ରସର ହେବା ପ୍ରଭୃତି ବର୍ଣ୍ଣନା ସହ ମାନବିକ ପ୍ରେମ ଓ ପ୍ରଣୟର ଅନୁପମ ଚିତ୍ରଣ ଏ ଉପନ୍ୟାସଟିକୁ ଜୀବନ୍ତ କରିପାରିଛି। ମୋଟ ଉପରେ ଉପନ୍ୟାସଟିର କ୍ଲାଇମାକ୍ସ (ଉତ୍କର୍ଷସଙ୍କଟଘଟ) ବା ଚରମ ପର୍ଯ୍ୟନ୍ତ ପହ ୍ବାକୁ ଉତ୍କଣ୍ଠାର ସହ ପାଠକ / ପାଠିକା ଏହାକୁ ପଢ଼ିବେ ଏଥିରେ ଦ୍ୱିମତ ନାହିଁ।

ଔପନ୍ୟାସିକ ଜଣେ ଡାକ୍ତର ତେଣୁ ଅନେକ ସ୍ଥଳରେ ବର୍ଣ୍ଣନା ଛଳରେ ସେ ଚିକିତ୍ସା ବିଜ୍ଞାନ ସମ୍ପର୍କିତ ତଥ୍ୟ, ରୋଗୀର ପ୍ରତିକ୍ଷଣର ଅନୁଧ୍ୟାନ ଓ ନିରୀକ୍ଷଣ ଓ ଡାକ୍ତରଙ୍କ ଆକୁଣ୍ଠ ସେବାଭାବ ଦ୍ୱାରା କିପରି ଅସାଧ୍ୟ ରୋଗରୁ ମୁକ୍ତି ମିଳେ ତାହା ବର୍ଣ୍ଣନା କରିଛନ୍ତି। ଚନ୍ଦ୍ରଯାନ- ୩ ର ଅବତରଣ ଏହି ଉପନ୍ୟାସଟିର ପୃଷ୍ଠଭୂମି ହୋଇଥିବା ଯୋଗୁଁ ଲେଖକ ବୋଧହୁଏ ଏହାର ନାମ ରଖିଛନ୍ତି “ମିଶନ୍ ମୁନ୍”। (ଯାହା ଆମକୁ ମନେ ପକାଇଦିଏ ଫକୀର ମୋହନଙ୍କ ବହୁ ଚର୍ଚ୍ଚିତ, ସୁବିଖ୍ୟାତ ଗଳ୍ପ ‘ପେଟେଣ୍ଟ ମେଡ଼ିସିନ’କୁ)। ଶେଷରେ ଅଭିମନ୍ୟୁ ସାମନ୍ତସିଂହାରଙ୍କ ଭାଷାରେ “ବିବେକୀ ଗ୍ରାହକ କୋଟି କବି ଆୟୁ ଘନି / ବ ର୍ଥିଲେ କବି କବିତ୍ୱ କି ହେବ ମ୍ଳାନି” ଭଳି ପୁସ୍ତକଟିର ସଠିକ ମୂଲ୍ୟାଙ୍କନ କେବଳ ବିବେକୀ, ବିଜ୍ଞ ପାଠକ ପାଠିକା ମାନେ କରିବେ।

ଡକ୍ଟର ସୁନନ୍ଦା ତ୍ରିପାଠୀ
(ପ୍ରାକ୍ତନ ପ୍ରାଧ୍ୟାପିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ)

ଉପନ୍ୟାସ : 'ମିଶନ୍ ମୁନ୍'ର ଆରମ୍ଭ କଥା

'ମିଶନ୍ ମୁନ୍' ଉପନ୍ୟାସର ଲେଖା ଆରମ୍ଭ କରିଥିଲି ୧୯୮୨ମସିହା ଅଗଷ୍ଟ ମାସରୁ । ଲେଖାର ଭିତ୍ତିଭୂମି କଳ୍ପନା ଅପେକ୍ଷା ବାସ୍ତବତାର ପୃଷ୍ଠଭୂମିରେ ଆଧାରିତ । ମୋର ପୂର୍ବରୁ ପ୍ରକାଶିତ ଦୁଇଟି ଗଳ୍ପ ସଂକଳନ - 'ଜାହ୍ନବୀର ନୀଳ ଜହ୍ନ' ଏବଂ 'ଅନ୍ୟ ଆଖିର ପ୍ରତିବିମ୍ବ' ମଧ ଚିକିତ୍ସାବୃତ୍ତି ତଥା ସମାଜର ପାରିପାର୍ଶ୍ୱିକ ଘଟଣାବଳୀ ଉପରେ ଆଧାରିତ ବିଷୟ ବସ୍ତୁର ଏକ ଲିଖିତ ଅଭିବ୍ୟକ୍ତି ମାତ୍ର ।

ଡାକ୍ତରୀ ଜୀବନର ପ୍ରଥମ ପାହଚ ହେଲା ମୋର 'ହାଉସ୍ ସରଜନ୍' ସମୟ, ଯାହା ୧୯୮୨ ମସିହାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟରେ କଟିଥିଲା । ଯେତେବେଳେ ମେଡିସିନ୍ ବିଭାଗରେ ମୋର ଡ୍ୟୁଟି କରୁଥିଲି, ସେତେବେଳେ ଜଣେ ଯୁବ ଇଂଜିନିୟର ଏପ୍ଲାଷ୍ଟିକ ଏନିମିୟା ରୋଗରେ ପୀଡିତ ହୋଇ ଭର୍ତ୍ତି ହୋଇଥିଲେ । ତାଙ୍କର ଚିକିତ୍ସା ତଥା ଆରୋଗ୍ୟ ଲାଭ କରିବା ପାଇଁ ଡାକ୍ତରଙ୍କ ଅହରହ ସଂଘର୍ଷ ମୋତେ ବିଚଳିତ କରିଥିଲା ଏବଂ ମୁଁ ସେଦିନ ଠାରୁ ଦୈନିକ ଡାଏରୀ ଲେଖିଲା ଭଳି ସମସ୍ତ ଘଟଣାବଳୀକୁ ଉଲ୍ଲେଖ କରିଥିଲି । ଡାଏରୀର ପୃଷ୍ଠା ଶେଷ ହେବାବେଳକୁ ରୋଗୀର ଜୀବନର ପରିସମାପ୍ତି ଘଟିଥିଲା । ତଥାପି ଘଟଣାବଳୀର ସମସ୍ତ ମୁହୂର୍ତ୍ତକୁ ମୁଁ ହୃଦୟରେ ଚାପିଧରି ତାକୁ ସମୟ ସ୍ରୋତରେ ପରିବର୍ତ୍ତିତ ଚିକିତ୍ସା ବିଜ୍ଞାନର ଅତ୍ୟାଧୁନିକ ସଫଳ ଅଭିବୃଦ୍ଧିକୁ ସଂଲଗ୍ନ କରି କର୍କଟ ତଥା ଜଟିଳ ରୋଗର ଫଳପ୍ରଦ ଚିକିତ୍ସା ଯେ ସମ୍ଭବପର, ଏହି ସକାରାତ୍ମକ ବାର୍ତ୍ତା ସମାଜକୁ ଦେବା ପାଇଁ ମୋ ଲେଖନୀର ଗତିପଥକୁ ବଦଳାଇଥିଲି ।

ଇତି ମଧରେ ଜଣେ କାର୍ଯ୍ୟବ୍ୟସ୍ତ ଗ୍ରାମାଂଚଳ ଚିକିତ୍ସକ, ଶଲ୍ୟ ବିଶେଷଜ୍ଞ ଏବଂ ତତ୍‌ସଂପୃକ୍ତ ପ୍ରଶାସକ ଭାବରେ ମୋର ବୃତ୍ତିଗତ ଅବସ୍ଥାର ପରିବର୍ତ୍ତନ ସହିତ ସାହିତ୍ୟ ସୃଜନାର ଆବଶ୍ୟକୀୟ ଗତି ମନ୍ଥର ହୋଇଯାଇଥିଲା । ଗୋଟିଏ ବହି ଲେଖିବାକୁ ମୋତେ ଚାଳିଶି ବର୍ଷ ଲାଗିଗଲା । କିନ୍ତୁ ଗୋଟିଏ କାରିଗର ତା କଳାକୃତିର ଉତ୍କର୍ଷତାକୁ ରୂପ ଦେବା ପାଇଁ ସେ ତା ସାମର୍ଥ୍ୟ ଅନୁଯାୟୀ ସମୟ ନେଇଥାଏ । ମୁଁ ଜାଣେ ନାହିଁ, ଏହା କେତେଦୂର ପାଠକୀୟ ଆଲୋଡ଼ନ ସୃଷ୍ଟି କରିବ । ବିଜ୍ଞାନର ଅଗ୍ରଗତି ସହିତ ତାଳ ଦେଇ ମୋ ଲେଖନୀ ବି ଅଗ୍ରସର ହୋଇଛି । କର୍କଟ ତଥା ଜଟିଳ ରୋଗରେ ପ୍ରପୀଡିତ ବ୍ୟକ୍ତିମାନେ ଆଜି ସଫଳ ଚିକିତ୍ସା ଲାଭ କରି ଜୀବନରେ ନୂତନ ସୂର୍ଯ୍ୟୋଦୟର ଅନୁଭୂତି ପାଇଛନ୍ତି ।

ବହିଟିକୁ ପ୍ରକାଶ କରିବା ପାଇଁ ବିଶିଷ୍ଟ କବି ତଥା ବ୍ରହ୍ମପୁର ସାହିତ୍ୟ ପରିଷଦର ସଭାପତି ସୁଶାଂତ ଦାଶ ଆଗ୍ରହ ପ୍ରକାଶ କରିଥିବାରୁ ମୁଁ ତାଙ୍କ ପ୍ରକାଶନ ସଂସ୍ଥା ନିକଟରେ କୃତଜ୍ଞ ।

(ଡାକ୍ତର ସରୋଜ କୁମାର ମିଶ୍ର)



ସୁଲେଖକ ଓ ଗାଳ୍ପିକ ଡାକ୍ତର ସରୋଜ କୁମାର ମିଶ୍ର ଗଂଜାମ ଜିଲ୍ଲାର ସାହିତ୍ୟ ଓ ସଂସ୍କୃତି ସଂପନ୍ନ ସହର କବିସୂର୍ଯ୍ୟନଗରଠାରେ ଜନ୍ମଗ୍ରହଣ କରଛନ୍ତି । ଛାତ୍ରାବସ୍ଥାଠାରୁ କ୍ଷୁଦ୍ରଗଳ୍ପ ଓ କବିତା ରଚନାରେ ତାଙ୍କର ଆଗ୍ରହ ରହିଥିଲା । ବୃତ୍ତିରେ ଜଣେ ଡାକ୍ତର ହୋଇଥିଲେ ହେଁ ସାହିତ୍ୟ ସାଧନା ପ୍ରତି ତାଙ୍କର ଅହେତୁକ ଆଗ୍ରହ ଥିଲା । ନିଜର ବୃତ୍ତିଗତ ଜୀବନରେ ଦୈନନ୍ଦିନ ଘଟଣାବଳୀ ଉପରେ ଆଧାରିତ ତାଙ୍କ ବାସ୍ତବ ଧର୍ମୀ ଗଳ୍ପ ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶ ପାଇଆସୁଛି । ଡା. ମିଶ୍ରଙ୍କ ପୂର୍ବରୁ ପ୍ରକାଶିତ ଗଳ୍ପ ସଂକଳନ ମଧ୍ୟରେ "ଜାହ୍ନବୀର ନୀଳଜହ୍ନ" ଏବଂ 'ଅନ୍ୟ ଆଖିର ପ୍ରତିବିମ୍ବ' ବିଶେଷ ପାଠକୀୟ ଆଦୃତି ଲାଭ କରିଛି ।

ଜଣେ ଶଲ୍ୟ ଚିକିତ୍ସା ବିଶେଷଜ୍ଞ ଭାବେ ଓଡ଼ିଶାର ବିଭିନ୍ନ ଅଂଚଳରେ କାର୍ଯ୍ୟରତ ରହି ପ୍ରଶଂସିତ ହୋଇଛନ୍ତି । ସେ ଓଡ଼ିଶା ଜର୍ଣ୍ଣାଲ ଅଫ ସର୍ଜରୀର ସଂପାଦନ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି । ଜଣେ ସଫଳ ସ୍ୱାସ୍ଥ୍ୟ ବିଭାଗୀୟ ମୁଖ୍ୟ ହିସାବରେ ଗଂଜାମ, ଗଜପତି ଏବଂ ସୁନ୍ଦରଗଡ଼ ଜିଲ୍ଲାର ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଭାବେ ଦକ୍ଷତାର ସହ କାର୍ଯ୍ୟ ନିର୍ବାହ କରି ସାଧାରଣ ଜନତାଙ୍କ ଆସ୍ଥାଭାଜନ ହୋଇଛନ୍ତି ।

ମୁଁ ଅତ୍ୟନ୍ତ ଆନନ୍ଦିତ ଡାକ୍ତର ସରୋଜ କୁମାର ମିଶ୍ରଙ୍କ ପ୍ରଥମ ଉପନ୍ୟାସ ବହି 'ମିଶନ୍ ମୁନ୍' ବ୍ରହ୍ମପୁର ସାହିତ୍ୟ ପରିଷଦ ଦ୍ୱାରା ପ୍ରକାଶ ପାଉଅଛି । ଆଶା କରୁଛି 'ମିଶନ୍ ମୁନ୍' ଉପନ୍ୟାସ ଓଡ଼ିଆ ସାହିତ୍ୟର ଏକ ଲୋକାଦୃତ ଉପନ୍ୟାସ ଭାବେ ପରିଗଣିତ ହୋଇପାରିବ ।

Selfypage Developers Pvt Ltd

E-ISBN: 978-93-7020-876-6

MRP Rs. 160/-